# କବିତା-୨ : ଉଦ୍‌ବୋଧନ

## କବି- ଗଙ୍ଗାଧର ମେହେର

## ଶ୍ରେଣୀ – ଅଷ୍ଟମ

## ଦ୍ୱିତୀୟ ଦିନ



Website: www.odmegroup.org
Email: info@odmps.org

Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024

**General Objectives -** ସାଧାରଣ ଆଭିମୁଖ୍ୟ :

୧.  ଉଚ୍ଚଭିଳାଷୀ ହେବାକୁ ହେଲେ ମାତୃଭାଷାକୁ ସର୍ବପ୍ରଥମେ ଉଚ୍ଚ ଓ ଉନ୍ନତ କରିବାକୁ ପଡ଼ିବ ।

୨.  ମାତୃଭାଷାହିଁ ଗୋଟିଏ ଜାତିର ଅସ୍ମିତାର ପରିଚୟ ତଥା ଦେଶର ବିକାଶରେ ମୂଳଦୁଆ ।

୩.  ତେଣୁ ମାତୃଭାଷାର ଉନ୍ନତି ସମସ୍ତଙ୍କର ପରମ ଏବଂ ନୈତିକ କର୍ତ୍ତବ୍ୟ ।

**Specific Objectives -** ବିଶେଷ ଆଭିମୁଖ୍ୟ :

ଉଚ୍ଚ ହେବା ପାଇଁ କର ଯେବେ ଆଶା,

ଉଚ୍ଚ କର ଆଗେ ନିଜ ମାତୃଭାଷା ।

ODM EDUCATIONAL GROUP
Changing your Tomorrow







ODM EDUCATIONAL GROUP
Changing your Tomorrow

ନବ ରବିକରେ ଫୁଟଇ କମଳ,
ଉତ୍‌ଫୁଲ୍ଲେ ଉଠନ୍ତି ବିହଙ୍ଗମଦଳ ।
ଆହାର ବିହାର ପାଇଁ ତେଜି ପୁର,
ଉଡ଼ି ଯାଉଥାନ୍ତି କେତେ କେତେ ଦୂର ।
ମହୁମାଛି ମଧୁ ସଞ୍ଚୟ ଲାଳସେ,
ବହୁ ଦୂର ବନ ପର୍ବତେ ବିଳସେ ।
ବଳ ଥାଉଁ କେହି ନିଶ୍ଚଳ ମଉନ,
ଥାଇ ନ କରନ୍ତି ଜୀବନ ନିଜନ ।

ODM EDUCATIONAL GROUP
Changing your Tomorrow

ମହୁମାଛି ମଧୁ ସଞ୍ଚୟ ଲାଳସେ,

ବହୁ ଦୂର ବନ ପର୍ବତେ ବିଳସେ ।

ବଳ ଥାଉଁ କେହି ନିଶ୍ଚୟ ମଉନ,

ଥାଇ ନ କରନ୍ତି ଜୀବନ ନିଉନ ।

ODM EDUCATIONAL GROUP
Changing your Tomorrow

ସୁପ୍ତ ସିଂହ ମୁଖେ ନ ପଶେ ଆହାର,

ଶ୍ରମେ ପିପୀଲିକା ପୂରାଏ ଭଣ୍ଡାର ।

ODM EDUCATIONAL GROUP
Changing your Tomorrow

ମେଳିଥିଲେ ପାଟି ଶୋଇ ବୃକ୍ଷ ତଳେ,

ବୃକ୍ଷଚ୍ୟୁତ ଫଳ ନ ପଡ଼େ କବଳେ ।

ଗଜ ସିଂହ ବ୍ୟାଘ୍ର ଦେହେ ଅଛି ବଳ,

ତାଙ୍କୁ ବାନ୍ଧେ ନର ପ୍ରକାଶି କୌଶଳ ।

କୌଶଳଜନକ ଜ୍ଞାନ ଅଟେ ସିନା,

ODM EDUCATIONAL GROUP
Changing your Tomorrow

କୌଶଳଜନକ ଜ୍ଞାନ ଅଟେ ସିନା,

ଜନମି ନ ପାରେ ଜ୍ଞାନ ଭାଷା ବିନା ।

ଭାଷା ଯୋଗୁଁ ସିନା ଦମି ଜୀବଗଣ,

ମାନବ କରଇ ବିଶ୍ୱେ ରାଜପଣ ।

ODM EDUCATIONAL GROUP
Changing your Tomorrow

# Sub-Concepts:

କଳ କୌଶଳରେ କର୍ମ କଲେ କେହି ଉପବାସ ରହେ ନାହିଁ ।

## Recapulation

ପୂର୍ବପାଠର ଆଲୋଚନା କରାଯିବ ଏବଂ କିଛି ପ୍ରଶ୍ନ ମାଧ୍ୟମରେ ପିଲାମାନଙ୍କର ମନରେ ପାଠ ପ୍ରତି ଆଗ୍ରହ ସୃଷ୍ଟି କରି ବିଷୟ ପ୍ରବେଶ କରିବା ।

ପ୍ରଶ୍ନ – 'ଉଦ୍‌ବୋଧନ' କବିତାଟି କବିଙ୍କର କେଉଁ ପୁସ୍ତକରୁ ଆନୀତ ?

ODM EDUCATIONAL GROUP
Changing your Tomorrow

# କବିତା ଆବୃତ୍ତି

ମେଳିଥିଲେ ପାଟି ଶୋଇ ବୃକ୍ଷତଳେ ....................ଜ୍ଞାନ ଭାଷା ବିନା

କବିତାଂଶର ସାରମର୍ମ ଆଲୋଚନା କରାଯିବ ।

ପ୍ରତିଶବ୍ଦ - ବୃକ୍ଷ – ଗଛ, ତରୁ,

ଗଜ – ହସ୍ତୀ, ହାତୀ

ODM EDUCATIONAL GROUP
Changing your Tomorrow

## ଶବ୍ଦାର୍ଥ :

କବଳେ - ପାଟିରେ / ମୁଖ ଗହ୍ୱରରେ

ପ୍ରକାଶି - ପ୍ରକାଶ କରି

ଦମି - ଦମନ କରି

ରାଜପଣ – ରାଜୁତି / ରାଜତ୍ୱ

ODM EDUCATIONAL GROUP
Changing your Tomorrow

## କବିତାର ସାରକଥା -

କଳକୌଶଳରେ କର୍ମ କଲେ କେହି ଉପବାସ ରହେନାହିଁ - ଦୁନିଆର ପ୍ରତ୍ୟେକ ବଳଶାଳୀ ଜୀବ ନିଜ ନିଜର ଉଦରପୂର୍ତ୍ତି ନିମିତ କର୍ମତତ୍ପର ହୁଅନ୍ତି । ବିଭିନ୍ନ କଳକୌଶଳ ପ୍ରୟୋଗ କରି ଖାଦ୍ୟ ଆହରଣ କରନ୍ତି । ଅମିତ ବଳଶାଳୀ ବନପତି ସିଂହ ଜାଗ୍ରତ ନ ହେଲେ ତା'ମୁଖକୁ ସ୍ୱତଃ ଆହାର ଆସିଯାଏ ନାହିଁ । ପିମ୍ପୁଡ଼ି ଅନବରତ ଶ୍ରମକରି ତା'ର ଖାଦ୍ୟଭଣ୍ଡାରକୁ ପରିପୂର୍ଣ୍ଣ କରି ସାଇତି ରଖେ । ବୃକ୍ଷମୂଳରେ ପାଟି ଖୋଲି ଶ୍ରମବିମୁଖ ହୋଇ କେବଳ ଶୋଇ ରହିଲେ ବୃକ୍ଷଚ୍ୟୁତ ଫଳ ସ୍ୱତଃ ଆମର ପାଟିକୁ ଆସିଯାଇ ଆମ ଭୋକ ମେଟାଏ ନାହିଁ । ବୁଦ୍ଧିମାନ୍ ମଣିଷ ନିଜ ବୁଦ୍ଧି କୌଶଳ ବଳରେ ଗଜ, ସିଂହ ଓ ବ୍ୟାଘ୍ର ପରି ବଳବାନ୍ ପ୍ରାଣୀଙ୍କୁ ବାନ୍ଧି ରଖିପାରିଥାଏ ।

(୩) ଦୁର୍ବଳ ଭାଷା ନେଇ କେହି ବିଶ୍ୱରେ ରାଜପଣ କରେନାହିଁ – ଜ୍ଞାନୀମାନେ ହିଁ କୌଶଳୀ । ଯଥେଷ୍ଟ ଭାଷାଜ୍ଞାନ ନ ଥିଲେ କେହି ଜ୍ଞାନୀଗୁଣୀ ହୋଇପାରେ ନାହିଁ । ବଳଶାଳୀ ବ୍ୟକ୍ତି ଯଦି ମୂକ ହୋଇଥାଏ, ତେବେ ସେ କେବେ ବିଶ୍ୱରେ ରାଜପଣ କରିପାରିବ ନାହିଁ । ସେଇଥିପାଇଁ ତ ଭାଷାବିହୀନ ଶକ୍ତିଶାଳୀ ମୂକ ଜୀବଗଣ ଆଜି ଭାଷା-ଅଭିଜ୍ଞ ମାନବ ନିକଟରେ ପଦାନତ ହୋଇ ପଡ଼ିରହିଛନ୍ତି । ଯେଉଁମାନଙ୍କ ଭାଷା ଦୁର୍ବଳ ସେମାନେ ଅଧମ ପଦବାଚ୍ୟ । ସେମାନେ ଭାଷା-ବିଜ୍ଞାନୀମାନଙ୍କ ସହିତ ପ୍ରତିଯୋଗିତା କରି ସମକକ୍ଷ ହୋଇପାରିବେ ନାହିଁ । ଉଚ୍ଚଶିକ୍ଷିତ ହୋଇ ସମାଜରେ ଅଗ୍ରଣୀ ଭୂମିକା ନିର୍ବାହ କରୁଥିବା ଉଚ୍ଚଭାଷୀ ବ୍ୟକ୍ତିମାନେ ସେମାନଙ୍କୁ ହୀନ, ହେୟ ଓ ନୀଚ ବୋଲି ବିବେଚନା କରିବେ । ଯେଉଁ ବ୍ୟକ୍ତି ମାନ ଆପମାନ କ'ଣ ଜାଣିପାରେ ନାହିଁ, ସେ ନିଶ୍ଚିତରୂପେ ଜ୍ଞାନହୀନ ପଶୁ ସହିତ ସମାନ । ଯାହାର ଭାଷା ଦୁର୍ବଳ ସେ କେବେ ଜ୍ଞାନୀ ହୋଇପାରେ ନାହିଁ ଏବଂ ଶିକ୍ଷିତ ବ୍ୟକ୍ତିଙ୍କ ପରି ରାଜଦରବାରରେ ସମ୍ମାନିତ ହୋଇପାରେ ନାହିଁ ।

ODM EDUCATIONAL GROUP
Changing your Tomorrow

# ଗୃହକର୍ମ

ପ୍ରଶ୍ନ : ନିଜଠାରୁ ଅଧିକ ବଳଶାଳୀ ଜନ୍ତୁମାନଙ୍କୁ ମଣିଷ ଆୟତ୍ତ କରିପାରିଛି କିପରି ?

ଗଦ୍ୟରୂପ : ଜନମି – ଜନ୍ମି

ପ୍ରତିଶବ୍ଦ : ନର – ମଣିଷ, ମାନବ

ODM EDUCATIONAL GROUP
Changing your Tomorrow

# THANKING YOU

# ODM EDUCATIONAL GROUP

ODM EDUCATIONAL GROUP
Changing your Tomorrow